# NATIONAL NEWS BULLETIN (ODIA)

**20 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଇଟାଲୀ ଗସ୍ତ ଅବସରରେ ତାଙ୍କ ପ୍ରତିପକ୍ଷଙ୍କ ସହ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ଉପରେ ଆଲୋଚନା କେନ୍ଦ୍ରୀଭୂତ ହେବ ବୋଲି କହିଲେ ପ୍ରଧାନମନ୍ତ୍ରୀ ।

- ଜାତିଭିତ୍ତିକ ଜନଗଣନାକୁ ବିରୋଧ କରି ଆଗତ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ

- ମେଘାଳୟର ଉମ୍ରୋଇ ସାମରିକ ଘାଟିରେ ଆଜିଠାରୁ ଆରମ୍ଭ ହୋଇଛି ବହୁପକ୍ଷିୟ ସାମରିକ ଅଭ୍ୟାସ ପ୍ରଗତି-୨୦୨୬

–ଅଂଶ ଗ୍ରହଣ କରିଛନ୍ତି ଭାରତର ୧୨ଟି ବନ୍ଧୁରାଷ୍ଟ୍ର

- ବେଜିଂଠାରେ ବିଭିନ୍ନ ଦ୍ୱିପାକ୍ଷିକ ଓ ବୈଶ୍ୱିକ ପ୍ରସଙ୍ଗ ନେଇ ଚୀନ୍ ଓ ରୁଷ୍ ରାଷ୍ଟ୍ରପତିଙ୍କ ମଧ୍ୟରେ ହୋଇଛି ଆଲୋଚନା

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ନାଇଟ୍‌ରାଇଡର୍ସ ଓ ମୁମ୍ବାଇ ଇଣ୍ଡିଆନ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍ ।

---

## ପିଏମ୍-ଇଟାଲୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତାଙ୍କର ଇଟାଲୀ ଗସ୍ତ ଦୁଇଦେଶ ମଧ୍ୟରେ ସଂପର୍କକୁ ଅଧିକ ସୁଦୃଢ଼ କରିବ । ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର ଉପରେ ଏହି ଗସ୍ତ ଅବସରରେ ଧ୍ୟାନ କେନ୍ଦ୍ରୀଭୂତ ହେବ ବୋଲି ଶ୍ରୀ ମୋଦୀ କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ରୋମ୍‌ରେ ଅବତରଣ ପରେ ରାତ୍ରିଭୋଜନରେ ଇଟାଲୀ ପ୍ରତିପକ୍ଷ ଜର୍ଜିଆ ମେଲୋନିଙ୍କୁ ସାକ୍ଷାତ କରିବାର ସୁଯୋଗ ମିଳିଥିଲା । ଏହା ପରେ ପ୍ରତୀକାତ୍ମକ କୋଲୋଜିୟମ୍ ପରିଦର୍ଶନ କରିଥିଲେ ।

ଉଭୟ ନେତା ବିଭିନ୍ନ ପ୍ରସଙ୍ଗରେ  ଦୃଷ୍ଟିକୋଣ ଆଦାନପ୍ରଦାନ କରିଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଗସ୍ତ ଅବସରରେ ଶ୍ରୀ ମୋଦୀ ଇଟାଲୀ ପ୍ରତିପକ୍ଷ ମେଲୋନି ଏବଂ ରାଷ୍ଟ୍ରପତି ସର୍ଗିଓ ମାଟାରେଲାଙ୍କ ସହ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ଆଲୋଚନା କରିବେ । ୨୦୨୫ -୨୦୨୯ ଦ୍ୱିପାକ୍ଷିକ ମିଳିତ ରଣନୈତିକ କାର୍ଯ୍ୟଯୋଜନାର ଏହି ଅବସରରେ ମଧ୍ୟ ସମୀକ୍ଷା କରାଯିବ । ବିଶ୍ୱ ଖାଦ୍ୟ ସୁରକ୍ଷା ପ୍ରତି ଭାରତର ଅଙ୍ଗୀକାରବଦ୍ଧତାକୁ ସୁଦୃଢ଼ କରିବା ଲକ୍ଷ୍ୟରେ ସେଠାରେ ଜାତିସଂଘର ଖାଦ୍ୟ ଓ କୃଷି ସଂଗଠନ ମୁଖ୍ୟାଳୟ ଗସ୍ତ କରିବାର କାର୍ଯ୍ୟସୂଚୀ ରହିଛି ।

ଇତିମଧ୍ୟରେ ଭାରତ-ଇଟାଲୀ ଦ୍ୱିପାକ୍ଷିକ ସଂପର୍କ ବ୍ୟାପକ ହୋଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏବଂ ଇଟାଲୀ ପ୍ରତିପକ୍ଷ ମେଲୋନୀଙ୍କ ଦ୍ୱାରା ଲିଖିତ ଏକ ମିଳିତ ଆଲେଖ୍ୟରେ ଆଲୋକପାତ କରି ଦୁଇ ନେତା କହିଛନ୍ତି, ସୌହାର୍ଦ୍ଦ୍ୟପୂର୍ଣ୍ଣ ବନ୍ଧୁତ୍ୱରୁ ଉଭୟ ଦେଶର ସଂପର୍କ ରଣନୈତିକ ସହଭାଗିତାରେ ପରିଣତ ହୋଇଛି । ଗଣତନ୍ତ୍ର ଏବଂ ଭବିଷ୍ୟତ ପାଇଁ ଏକ

ସମାନ ଦୃଷ୍ଟିକୋଣ ଏହି ସଂପର୍କର ମୂଳ ଆଧାର ବୋଲି ଉଭୟ ନେତା ବର୍ଣ୍ଣନା କରିଛନ୍ତି । ବୈଶ୍ୱିକ ସ୍ତରରେ ଘଟୁଥିବା ବିଭିନ୍ନ ପରିବର୍ତ୍ତନ ପରିପ୍ରେକ୍ଷୀରେ ମଧ୍ଯ ଭାରତ-ଇଟାଲୀ ସହଭାଗିତା ସର୍ବୋଚ୍ଚ ରାଜନୈତିକ ଏବଂ ସାଂଗଠନିକ ସ୍ତରରେ ନିୟମିତ ଆଦାନ ପ୍ରଦାନ ମାଧ୍ୟମରେ ଦୃଢ଼ୀଭୂତ ହେଉଛି । ଉଭୟ ନେତା କହିଛନ୍ତି, ଦ୍ୱିପାକ୍ଷିକ ଆର୍ଥିକ ବିକାଶ, ସାମାଜିକ ସୃଜନଶୀଳତା ଏବଂ ସାଂସ୍କୃତିକ ସଭ୍ୟତା ସହଭାଗିତା କ୍ଷେତ୍ରରେ ଏକ ନୂତନ ମାର୍ଗ ଉନ୍ମୁକ୍ତ କରିଛି ।

ଭାରତୀୟ ସଂସ୍କୃତି ଉପରେ କାର୍ଯ୍ୟ କରିଥିବା ଇଟାଲୀୟ ଚିତ୍ରକର ଜିଆମ୍ପାଓଲୋ ଟୋମାସେଟିଙ୍କୁ ଶ୍ରୀ ମୋଦୀ ଉଚ୍ଚପ୍ରଶଂସା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତୀୟ ସଂସ୍କୃତି ପ୍ରତି ଚାରିଦଶନ୍ଧିରୁ ଅଧିକ ସମୟ ଧରି ଶ୍ରୀ ଟୋମାସେଟି ଆଗ୍ରହ ପ୍ରକାଶ କରିଆସିଛନ୍ତି । ବାରଣାସୀ ଉପରେ ପ୍ରସ୍ତୁତ ଚିତ୍ରକଳାକୁ ଶ୍ରୀ ଟୋମାସେଟି ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ରୋମ୍ ଗସ୍ତ ଅବସରରେ ପ୍ରଦାନ କରିଛନ୍ତି ।

## ସୁପ୍ରିମକୋର୍ଟ-କାଷ୍ଟ

ଜାତି ଭିତ୍ତିକ ଜନଗଣନାକୁ ବିରୋଧ କରି ସୁପ୍ରିମକୋର୍ଟରେ ଆଗତ ଏକ ଆବେଦନ ଖାରଜ ହୋଇଛି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଅଧକ୍ଷତାରେ ଗଠିତ ଖଣ୍ଡପୀଠ ଏହି ଆବେଦନର ଶୁଣାଣି କରି କହିଛନ୍ତି, ଏହା ସରକାରଙ୍କ ନୀତିଗତ ନିଷ୍ପତ୍ତି । ଏଥିରେ ଅଦାଲତ ହସ୍ତକ୍ଷେପ କରିବେ ନାହିଁ । ପଛୁଆବର୍ଗଙ୍କ ପାଇଁ କଲ୍ୟାଣମୂଳକ ପଦକ୍ଷେପ ଗ୍ରହଣ କରିବାରେ ସେମାନଙ୍କ ସଂଖ୍ୟା ଜାଣିବାରେ ସରକାରଙ୍କ ଆବଶ୍ୟକତା

ରହିଛି ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି । ଏଭଳି ତଥ୍ୟ ସଂଗ୍ରହରେ କୌଣସି ଭୁଲ୍ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି ।

## ରାଜନାଥ-ସାଉଥକୋରିଆ

ଦକ୍ଷିଣକୋରିଆର ସିଓଲ୍‌ଠାରେ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ତାଙ୍କର ଦକ୍ଷିଣ କୋରିଆ ପ୍ରତିପକ୍ଷ ଆହନ ଗିଉ ବାକ୍‌ଙ୍କ ସହ ବିଭିନ୍ନ ଦ୍ୱିପାକ୍ଷିକ ପ୍ରସଙ୍ଗ ନେଇ ମତ ବିନିମୟ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସଂପର୍କରେ ସୂଚନା ଦେଇ ମନ୍ତ୍ରୀ ଶ୍ରୀ ସିଂ କହିଛନ୍ତି, ବୈଠକ ଅତ୍ୟନ୍ତ ସକାରାତ୍ମକ ଥିଲା । ଦ୍ୱିପାକ୍ଷିକ ପ୍ରତିରକ୍ଷା, ଶିଳ୍ପ ଏବଂ ରଣନୈତିକ ସହଯୋଗକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟ ନେଇ ଉଭୟ ପକ୍ଷଙ୍କ ମଧ୍ୟରେ ଆଲୋଚନା ହୋଇଛି ।

ପ୍ରତିରକ୍ଷା ସାଇବର ସହଯୋଗକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ଭାରତ ଓ ଦକ୍ଷିଣ କୋରିଆ ମଧ୍ଯରେ କେତୋଟି ଚୁକ୍ତିନାମା ହୋଇଥିବା ଶ୍ରୀ ସିଂ ସୂଚନା ଦେଇଛନ୍ତି । ଭାରତର ଜାତୀୟ ପ୍ରତିରକ୍ଷା କଲେଜ, କୋରିଆ ଜାତୀୟ ପ୍ରତିରକ୍ଷା ବିଶ୍ୱବିଦ୍ୟାଳୟ ଏବଂ ଜାତିସଂଘ ଶାନ୍ତିରକ୍ଷା ସହଯୋଗ ସଂସ୍ଥା ମଧ୍ୟରେ ଏହି ବୁଝାମଣାପତ୍ରଗୁଡ଼ିକ ସ୍ୱାକ୍ଷରିତ ହୋଇଛି । ପୂର୍ବରୁ ଶ୍ରୀ ସିଂ କୋରିଆର ଜାତୀୟ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

## ଡିଆରଡିଓ-ମିଶାଇଲ୍

ମାନବ ବିହୀନ ବାୟୁଯାନ ପ୍ରେରଣରେ ପ୍ରିସିସନ୍ ଗାଇଡେଡ୍ ମିସାଇଲ- ULPGM-V-3 ର ଶେଷ ପର୍ଯ୍ୟାୟ ବିକାଶ ପରୀକ୍ଷଣ ସଫଳତାର ସହ ସଂପନ୍ନ ହୋଇଛି। ଆନ୍ଧ୍ରପ୍ରଦେଶର କୁର୍ନୁଲ୍ ନିକଟସ୍ଥ ଡିଆରଡିଓ ପରୀକ୍ଷଣ

ପରିସରରେ ଆକାଶରୁ ଭୂମି ଏବଂ ଆକାଶରୁ ଆକାଶ ବର୍ଗରେ ପରୀକ୍ଷଣ କରାଯାଇଛି । ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧୀନରେ ସ୍ୱଦେଶୀ ପ୍ରତିରକ୍ଷା କ୍ଷମତାକୁ ସୁଦୃଢ଼ କରିବା ଦିଗରେ ଏହି ସଫଳତା ଉଲ୍ଲେଖନୀୟ ସାବ୍ୟସ୍ତ ହେବ । ଯୁଦ୍ଧ ପରିସ୍ଥିତିରେ କ୍ଷେପଣାସ୍ତ୍ରର ସଠିକ୍ ଆକ୍ରମଣ ଦକ୍ଷତା, ନିର୍ଭରଯୋଗ୍ୟତା ଏବଂ ପ୍ରଭାବଶାଳୀ ପ୍ରଦର୍ଶନ ସମ୍ଭବ ହୋଇପାରିବ । ହାଇଦ୍ରାବାଦର ଗବେଷଣା କେନ୍ଦ୍ର ଇମାରତ୍-RCI ଏବଂ ଡିଆରଡିଓ ପରୀକ୍ଷାଗାର ମିଳିତ ସହଯୋଗରେ ଏହି ବ୍ୟବସ୍ଥାକୁ ବିକଶିତ କରାଯାଇଛି ।

---

# ଡିଫେନ୍ସ-ଏକ୍ସରସାଇଜ୍

ମେଘାଳୟର ଉମ୍ରୋଇ ସାମରିକ ଘାଟିରେ ବହୁପକ୍ଷିୟ ସାମରିକ ଅଭ୍ୟାସ ପ୍ରଗତି ୨୦୨୬ ଆଜିଠାରୁ ଆରମ୍ଭ ହୋଇଛି । ପ୍ରତିରକ୍ଷା ମନ୍ତ୍ରଣାଳୟ କହିଛି, ଏହି କାର୍ଯ୍ୟକ୍ରମରେ ୧୨ଟି ବନ୍ଧୁତ୍ୱପୂର୍ଣ୍ଣ ରାଷ୍ଟ୍ର ଅଂଶ ଗ୍ରହଣ କରିଛନ୍ତି । ସେଗୁଡ଼ିକ ହେଲେ- ଭୁଟାନ୍, କାମ୍ବୋଡ଼ିଆ, ଇଣ୍ଡୋନେସିଆ, ଲାଓସ୍, ମାଲେସିଆ, ମାଳଦୀପ, ମ୍ୟାଁମାର, ନେପାଳ, ଫିଲିପାଇନ୍ସ, ସେଚେଲ୍‌ସ, ଶ୍ରୀଲଙ୍କା ଏବଂ ଭିଏତନାମ । ଏହି ଅଭ୍ୟାସ ଅଂଶଗ୍ରହଣକାରୀ ରାଷ୍ଟ୍ରଗୁଡ଼ିକୁ ସେନା ପରିଚାଳନା କ୍ଷେତ୍ରରେ ବୃତ୍ତିଗତ ଆଦାନପ୍ରଦାନ, ପରସ୍ପରର ଅଭିଜ୍ଞତାରୁ ଶିକ୍ଷା ଏବଂ ସୁଦୃଢ଼ ସାମରିକ ସଂପର୍କ ଗଠନ କରିବାରେ ଏକ ମଞ୍ଚ ପ୍ରଦାନ କରୁଛି । ଉଦ୍‌ଘାଟନୀ ସମାରୋହକୁ ସମ୍ବୋଧନ କରି ଭାରତୀୟ ସେନାର ପଦାତିକ ବାହିନୀର ଅତିରିକ୍ତ ମହାନିର୍ଦ୍ଦେଶକ ମେଜର୍ ଜେନେରାଲ୍ ସୁନିଲ୍ ସିଓରାଙ୍ଗ୍ ସୁରକ୍ଷା ସଂପର୍କିତ ଆହ୍ୱାନଗୁଡ଼ିକର ମୁକାବିଲା କରିବାରେ ପାରସ୍ପରିକ ସଂପର୍କର ଗୁରୁତ୍ୱ

ଉପରେ ଆଲୋକପାତ କରିଛନ୍ତି । ଦୁଇ ସପ୍ତାହ ଧରି ଏହି ଅଭ୍ୟାସ ଜାରି ରହିବ ।

---

## ଚୀନ୍-ପୁଟିନ୍ ଟକ୍ସ

ବେଜିଂଠାରେ ଆଜି ଚୀନ୍ ରାଷ୍ଟ୍ରପତି ସି.ଜିନ୍‌ପିଙ୍ଗ୍ ଏବଂ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ୍‌ଙ୍କ ମଧ୍ୟରେ ବିଭିନ୍ନ ପ୍ରସଙ୍ଗ ନେଇ ଆଲୋଚନା ହୋଇଛି । ଦ୍ୱିପାକ୍ଷିକ ସଂପର୍କ, ଇରାନ ଓ ୟୁକ୍ରେନ୍ ସଂଘର୍ଷ ଏବଂ ଆନ୍ତର୍ଜାତିକ ବାଣିଜ୍ୟ ସମେତ ବିଭିନ୍ନ ପ୍ରମୁଖ ବୈଶ୍ୱିକ ପ୍ରସଙ୍ଗ ଉପରେ ଉଭୟ ନେତା ମତ ବିନିମୟ କରିଥିବା ଜଣାପଡ଼ିଛି । ଚୀନର ବୈଦେଶିକ ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଏହି ଆଲୋଚନା ବେଜିଂ ଓ ମସ୍କୋ ମଧ୍ୟରେ ରଣନୈତିକ ସହଭାଗିତାକୁ ଅଧିକ ସୁଦୃଢ଼ କରିବ । ଏଥିସହ ଜାତିସଂଘ, ଏସ୍‌ସିଓ ଏବଂ ବ୍ରିକ୍ସ ଭଳି ସଂଗଠନଗୁଡ଼ିକ ମାଧ୍ୟମରେ ସମନ୍ୱୟକୁ ଅଧିକ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଉଭୟ ନେତା ମତ ବିନିମୟ କରିଛନ୍ତି । ମନ୍ତ୍ରଣାଳୟ କହିଛି, ଚୀନ୍ ଓ ରୁଷ୍ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୨ଶହ ବିଲିୟନ୍ ଆମେରିକୀୟ ଡଲାରକୁ ଅତିକ୍ରମ କରିଛି ।

---

## ଟ୍ରମ୍ପ-ଜି-୭ ସମିଟ୍

ଫ୍ରାନ୍ସରେ ଆସନ୍ତାମାସରେ ଆୟୋଜିତ ହେବାକୁ ଥିବା ଜି-୭ ଶିଖର ସମ୍ମିଳନୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ଯୋଗଦେବେ । ହ୍ୱାଇଟ୍ ହାଉସ୍‌ର ଜଣେ ପ୍ରବକ୍ତା ଦେଇଥିବା ସୂଚନା ଅନୁଯାୟୀ ଦକ୍ଷିଣ-ପୂର୍ବ ଫ୍ରାନ୍ସର ଏଭିଆନ୍ ଲେସ୍ ବେନ୍‌ସରେ ଆସନ୍ତା ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଏହି ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । ସମ୍ମିଳନୀରେ କୃତ୍ରିମ ବୁଦ୍ଧିମତ୍ତା, ବାଣିଜ୍ୟ, ଗୁରୁତ୍ୱପୂର୍ଣ୍ଣ ଖଣିଜ ସାମଗ୍ରୀ, ବିଶ୍ୱ ସୁରକ୍ଷା ସମେତ

ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି । ଇରାନ ସଂଘର୍ଷ ପରିପ୍ରେକ୍ଷୀରେ ୱାଶିଂଟନ୍ ଏବଂ ଅନ୍ୟ ୟୁରୋପୀୟ ସହଯୋଗୀ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ହ୍ରାସ ପାଉଥିବା ସଂପର୍କ ପରିପ୍ରେକ୍ଷୀରେ ସମ୍ମିଳନୀରେ ଶ୍ରୀ ଟ୍ରମ୍ପଙ୍କ ଯୋଗଦାନକୁ ଗୁରୁତ୍ୱପୂର୍ଣ୍ଣ ମନେକରାଯାଉଛି ।

---

## କଙ୍ଗୋ-ଇବୋଲା

ଇବୋଲା ପ୍ରକୋପରେ କଙ୍ଗୋରେ ମୃତ୍ୟୁସଂଖ୍ୟା ୧୩୬କୁ ବୃଦ୍ଧି ପାଇଛି । ଦେଶର ପୂର୍ବ ଭାଗରେ ଏହା ଅଧିକ ବ୍ୟାପିଥିବା ସେଠାକାର ସ୍ୱାସ୍ଥ୍ୟମନ୍ତ୍ରୀ ରୋଜର କାମ୍ବା ସୂଚନା ଦେଇଛନ୍ତି । କଙ୍ଗୋ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଦେଇଥିବା ସୂଚନା ଅନୁଯାୟୀ ଦେଶରେ ୫୪୩ଟି ସନ୍ଦିଗ୍ଧ ରହିଥିବା ବେଳେ ୩୨ ଜଣ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ପଡ଼ୋଶୀ ଉଗାଣ୍ଡାରେ ମଧ୍ୟ ୨ଟି ସଂକ୍ରମିତ ମାମଲା ରିପୋର୍ଟ ହୋଇଛି । କଙ୍ଗୋ ଏବେ ୧୭ତମ ଇବୋଲା ପ୍ରକୋପର ସମ୍ମୁଖୀନ ହୋଇଛି । ପୂର୍ବରୁ ୨୦୦୭ ଏବଂ ୨୦୧୨ରେ ମଧ୍ୟ ୨ ଥର ଇବୋଲା ସଂକ୍ରମଣ ଦେଖିବାକୁ ମିଳିଥିଲା । ସେତେବେଳେ ସଂକ୍ରମିତ ଲୋକଙ୍କ ମଧ୍ୟରୁ ପ୍ରାୟ ୩୦ ପ୍ରତିଶତଙ୍କ ମୃତ୍ୟୁ ହୋଇଥିଲା ।

---

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ୍ ଏବଂ ମୁମ୍ବାଇ ଇଣ୍ଡିଆନ୍ସ ମଧରେ ମ୍ୟାଚ୍ ଖେଳାଯିବ । କୋଲକାତାର ଇଡେନ୍ ଗାର୍ଡେନ୍ସ ଠାରେ ଏହି ମ୍ୟାଚ୍ ସନ୍ଧ୍ୟା ସାଢ଼େ ସାତଟାରେ ଆରମ୍ଭ ହେବ ।

ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ' ଲକ୍ଷ୍ନୌ ସୁପର ଜାଏଣ୍ଟସ୍‌କୁ ୭ ୱିକେଟ୍‌ରେ ପରାସ୍ତ କରିଛି । ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ, ଗୁଜରାଟ ଟାଇଟନ୍ସ ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପ୍ଲେ

ଅଫ୍ ପର୍ଯ୍ୟାୟରେ ସ୍ଥାନ ପକ୍କା କରିଥିବା ବେଳେ ମୁମ୍ବାଇ ଇଣ୍ଡିଆନ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ଏହି ପର୍ଯ୍ୟାୟରୁ ବାଦ୍ ପଡ଼ିଛନ୍ତି ।

# ୱିମେନ୍ ଫୁଟ୍‌ବଲ୍

ସାଫ୍ ମହିଳା ଫୁଟ୍‌ବଲ ଚାମ୍ପିୟାନ୍‌ସିପ୍ ୨୦୨୬ ପ୍ରତିଯୋଗିତା ପାଇଁ ଭାରତୀୟ ଦଳ ଘୋଷଣା କରାଯାଇଛି । ବରିଷ୍ଠ ମହିଳା ଫୁଟବଲ ଦଳର ମୁଖ୍ୟ ପ୍ରଶିକ୍ଷକ କ୍ରିସ୍‌ପିନ୍ ଛେତ୍ରୀ ଗତକାଲି ୨୬ ଜଣିଆ ଦଳ ଘୋଷଣା କରିଛନ୍ତି । ଗୋଆର ମାର୍ଗାଓ ର ପଣ୍ଡିତ ଜବାହରଲାଲ ନେହରୁ ଷ୍ଟାଡିୟମ୍‌ଠାରେ ଏହି ପ୍ରତିଯୋଗିତା ଆସନ୍ତା ୨୫ରୁ ଜୁନ୍ ୬ ତାରିଖ ପର୍ଯ୍ୟନ୍ତ ଚାଲିବ । ଭାରତ ଗ୍ରୁପ୍-ବିରେ ସାମିଲ ହୋଇଛି । ଉଦ୍‌ଘାଟନୀ ଦିବସରେ  ମାଳଦୀପ ବିରୁଦ୍ଧରେ ଭାରତ ଏହାର ଅଭିଯାନ ଆରମ୍ଭ କରିବ । ୩୧ ତାରିଖରେ ଭାରତ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ । ଗ୍ରୁପ୍-ଏ’ରେ ନେପାଳ, ଶ୍ରୀଲଙ୍କା ଓ ଭୂଟାନ ସାମିଲ ହୋଇଛନ୍ତି । ପ୍ରତ୍ୟେକ ଗ୍ରୁପ୍‌ର ଶ୍ରେଷ୍ଠ ୨ଟି ଦଳ ସେମିଫାଇନାଲ୍ ପର୍ଯ୍ୟାୟକୁ  ଉନ୍ନୀତ ହେବେ । ଆସନ୍ତାମାସ ୩ ତାରିଖରେ ସେମିଫାଇନାଲ୍ ଓ ୬ ତାରିଖରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

# ୱେଦର୍

ଭାରତର ଉତ୍ତର-ପଶ୍ଚିମ ଓ କେନ୍ଦ୍ରୀୟ ଅଞ୍ଚଳରେ ସପ୍ତାହକ ପର୍ଯ୍ୟନ୍ତ ଅତ୍ୟଧିକ ଗରମ ପରିସ୍ଥିତି ଅନୁଭୂତ ହେବ ବୋଲି ଭାରତୀୟ ପାଣିପାଗ ବିଭାଗ ଅନୁମାନ କରିଛି । ଓଡ଼ିଶା ସମେତ ଦିଲ୍ଲୀ, ପଞ୍ଜାବ, ହରିଆଣା, ଚଣ୍ଡୀଗଡ଼, ଛତିଶଗଡ଼, ରାଜସ୍ଥାନ, ତେଲଙ୍ଗାନା ଏବଂ ଉତ୍ତରାଖଣ୍ଡରେ ଆଗାମୀ ୪ ଦିନ ପର୍ଯ୍ୟନ୍ତ ପ୍ରବଳ ଗ୍ରୀଷ୍ମ ପରିସ୍ଥିତି ଜାରି ରହିବ ବୋଲି

ପାଣିପାଗ ବିଭାଗ କହିଛି । ଅନ୍ୟପକ୍ଷରେ ଆସାମ, ମେଘାଳୟ, କେରଳମ୍, ମାହେ, ପଶ୍ଚିମବଙ୍ଗର ଉପ-ହିମାଳୟ ଅଞ୍ଚଳ, ସିକିମ୍, ତାମିଲନାଡୁ, ପୁଡୁଚେରୀ, କରେଇକାଲ୍ ଏବଂ ଆଣ୍ଡାମାନ ନିକୋବର ଦ୍ୱିପପୁଞ୍ଜରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ବିହାର, ହିମାଚଳପ୍ରଦେଶ. କର୍ଣ୍ଣାଟକର ଆଭ୍ୟନ୍ତରୀଣ ଅଞ୍ଚଳ, ଝାଡ଼ଖଣ୍ଡ, ଲାକ୍ଷାଦ୍ୱୀପ, ଏବଂ କର୍ଣ୍ଣାଟକ ଉପକୂଳ ଅଞ୍ଚଳରେ ଆଗାମୀ ୨ ଦିନ ପର୍ଯ୍ୟନ୍ତ ବଜ୍ରପାତ ଓ ଘଡ଼ଘଡ଼ି ସହ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ଆକଳନ କରିଛି ।